


**ନା**ନାବାୟା ଗୀତରେ ଦିନେ ଉଦ୍‌ଫୁଲ୍ଲିତ ହୋଇ ଉଠୁଥିବା ଏଇ ଆମ ନବ ନବ ଉନ୍ମେଷଶାଳିନୀ ନଗରୀ ଭୁବନେଶ୍ୱର ଆଜି ସକାଳୁ ସକାଳୁ ଉଦ୍ଦାମ ହିନ୍ଦୀ କିମ୍ବା ଇଂରାଜୀ କବିତାର ରିଦ୍‌ମିକ୍ ସଂଗୀତ ମୋ' ପରି ଜଣେ ମରହଟିଆ ମଣିଷର କାନଟାକୁ ହତପ୍ରଭ କରିପକାଏ । ମୁଁ ମୋର ବାଲ୍ୟକାଳରୁ ସେଇ ଓଡ଼ିଆ ଗୀତର ସଂଗୀତ ଲହରୀରେ ବେଳେ ବେଳେ ତନ୍ମୟ ହୋଇ ଉଠେ । ମାତ୍ର ଆଜିର ପ୍ରଗଲ୍‌ଭ ବାଚନିକ ଉଦ୍‌ଭ୍ରାନ୍ତ ସମାଜ ଶୁଣିବାକୁ ଚାହେଁନା ସେ ପଲ୍ଲୀ ଗୀତ, ଯାହାର "ବିଲେ ବୋଲେ ଚଷା, ଅନ୍ତଃପୁର ଯୋଷା ପଥପ୍ରାନ୍ତେ ହୃଷ୍ଟମନା" ସମସ୍ତ ବର୍ଗର ଲୋକଙ୍କୁ ପଲ୍ଲୀ ଚେତନାରେ ଉଦ୍‌ବେଳିତ କରେ ଏବଂ ତନ୍ମୟ କରେ ମଧ୍ୟ । ସହିଦ୍‌ନଗରର ସେଇ ଛକଟା ବଇଁଶୀ ଛକ । ନାଁ ଟା ଖୁବ୍ ରସବ୍ୟଞ୍ଜକ । ଏଇଠି ସକାଳ କେତେବେଳେ ଆସେ, ସନ୍ଧ୍ୟା କେତେବେଳେ ନଇଁଯାଏ ଏବଂ କେତେବେଳେ ରାତି ତା'ର କଳାପରଦାଟାକୁ ଢାଙ୍କି ଆଣି ବାଧ୍ୟ ସହରଟାକୁ ହଠାତ୍ ଅନ୍ଧାରର ଘନଘଟା ଭିତରକୁ ଟାଣି ନେଇଯାଏ, ତା'ର ହିସାବ କେହି ରଖନ୍ତି ନାହିଁ । ଏଇଟା ଯେପରି ନିତ୍ୟ ନୈମିତ୍ତିକ । ମାତ୍ର ମାଣିଆ ଜେନା, ଗୋଟାଏ ଈଷତ୍ ଶୁଭ୍ର ଶ୍ମଶ୍ରୁଧାରୀ, ଗୋଟାଏ ହାଫ୍ ପ୍ୟାଣ୍ଟକୁ ଚଳଣିର ପାଥେୟ ସଜାଇଥିବା ବିଗତ ଯୌବନ ବ୍ୟକ୍ତି ବିଶେଷ ଏ ସବୁର ଖାତିର କରେନା । ସେ ଖାତିର କରେନା ବର୍ଷାକୁ, ସେ ଡରେନା ରାତ୍ରିର ନିବିଡ଼ ଅନ୍ଧାରକୁ, ସେ ରାଜାର ପ୍ରଜା ନୁହେଁ କିମ୍ବା ସାହୁର ଖାତକ ନୁହେଁ ଯେପରି । ସାଧାରଣ ଗୋଟାଏ ତିନିଚକିଆ ଟ୍ରଲି ଟାଣୁଥିବା ଏଇ ସମାଜର

ମଣିଷଟାଏ । ଅନ୍ୟ ଟ୍ରଲିବାଲା ମାନଙ୍କ ସହିତ ବସି, ଅନ୍ଧାରୁ ଅନ୍ଧାରୁ ଯେତେବେଳେ କୁନିପୁଅର ନିଦ ଭାଙ୍ଗି ନ ଥାଏ, ଦେଶୀ ପାନୀୟର ଆକଣ୍ଠ ସେବନରେ ନିଜେ ମତୁଆଲା ହୋଇଯାଏ ଏବଂ ଅନ୍ୟ ସଙ୍ଗୀମାନଙ୍କୁ ଆପ୍ୟାୟିତ କରାଏ । ମାଣିଆ ଯେ ସଦା ସର୍ବଦା ଖୁସି ମିଜାଜର ମଣିଷ ଏବଂ ମୋର ମନଟା ହଠାତ୍ ଅନ୍ୱେଷଣମୁଖୀ ହୋଇଉଠେ ଯେ ମାଣିଆର ସଦାବେଳେ ଖୁସି ରହିବାର ଉପାଦାନ କ'ଣ ହୋଇପାରେ ? ସେ ଖୁସି ରହେ ଯେପରି 'ନୋ ଲାର୍କ ମୋର୍ ବ୍ଲିଥ୍ ଦ୍ୟାନ୍ ହି' କବିଙ୍କ ଭାଷାରେ ।

ଦିନେ ସକାଳୁ ଦେଖାଗଲା ମାଣିଆର ଗୋଟାଏ ଦିଅଁଙ୍କ ଲଢୁଆ ବୋଦା ସାଙ୍ଗରେ ଲୁଚକାଳି ଖେଳ । ମାଣିଆର ବୟସରେ ଏହା ଅପ୍ରାସଙ୍ଗିକ ମନେ ହେଲେ ବି, ମାଣିଆ ଖେଳେ । କେତେବେଳେ ଲଢୁଆ ବୋଦା ସାଙ୍ଗରେ ତ କେତେବେଳେ କୁତୁକୁତିଆ କୁକୁରପିଲା ସାଙ୍ଗରେ, କେତେବେଳେ ରାସ୍ତାର ବୁଲା ଷଣ୍ଢ ସାଙ୍ଗରେ ତ କେତେବେଳେ ତାର ସାଥୀ ଅନ୍ୟ ଟ୍ରଲିବାଲାମାନଙ୍କ ସାଙ୍ଗରେ । ମୋର ମନେହୁଏ ସାଙ୍ଗକୁ ନେଇ ଭାଙ୍ଗଖିଆ ଯାଇପାରେ ବଡ଼ ଦାଣ୍ଡରେ ତ, କୌଣସି ଭୋଜି କରାଯାଇପାରେ ବିସ୍ତୃତ ପ୍ରାନ୍ତରରେ, ଦେବାଳୟରେ, ବଣଭୋଜି ପାଇଁ ଉଦ୍ଦିଷ୍ଟ ସ୍ଥାନ ମାନଙ୍କରେ କିମ୍ବା କୌଣସି ତିନି ବା ପାଞ୍ଚ ଷ୍ଟାର୍ ହୋଟେଲର ନିଭୃତ କକ୍ଷରେ । ମାତ୍ର ମାଣିଆ ପାଖରେ ଦେଖାଯାଏ ଯେ ଛକରେ ଥିବା ଗୋଟିଏ ରାସ୍ତାକଡ଼ରେ, ଅନ୍ୟ ସାଙ୍ଗମାନଙ୍କ ସାଥିରେ ଦେଶୀ ପାନୀୟର ସରଳ ଉପଚାର ସକାଳୁ ସକାଳୁ ଆରମ୍ଭ ହୋଇଯାଏ ଏବଂ ଏ ପ୍ରକାର ଚଳଣିର ପରିସମାପ୍ତି ରାତ୍ରିର କେଉଁ ପ୍ରହରରେ ଘଟେ ନା ମୁଁ ଜାଣେ, ନା ସେ ଛକର ଅନ୍ୟମାନେ ଜାଣନ୍ତି ।

ଦିନେ ଖୁବ୍ ବର୍ଷା ହୋଇ ଯାଇଥାଏ । ରାସ୍ତାର ଅବସ୍ଥା ବିଶେଷକରି ସହିଦନଗରରେ ରାସ୍ତାର ଦୂରାବସ୍ଥା ଜଣେ ଗାଡ଼ି, ମଟର ବା ପାଦରେ ଚାଲିକରି ଗଲେ ହିଁ ଉପଲବ୍ଧି କରିପାରେ । ମାଣିଆ ମୁଣ୍ଡରେ ସେଦିନ କଣ ପୋକ ଉଠିଗଲା କେଜାଣି, ସେ ତା'ର ଆଉ ଜଣେ ସମବୟସ୍କ ସଙ୍ଗୀ ସହିତ ଟ୍ରଲି ଟ୍ରଲି ମାଟି ଆଣି ସାରା ରାସ୍ତାରେ ଥିବା ଖାଲକୁ ପୂରଣ କରିବାରେ ଲାଗିଗଲା । ସେ ହୁଏତ ସେତୁବନ୍ଧ ବାନ୍ଧିବା ପାଇଁ ଗୋଟାଏ ଗୁଣ୍ଡୁଚିମୂଷା ହୋଇପାରେ ମାତ୍ର ତା'ର ସୁସଂଗଠିତ ଉଦ୍‌ଜୀବିତ ଅଭୀପ୍ସା ପାଇଁ ମୋର ମାଣିଆକୁ ପାଖକୁ ଡାକି ବଧେଇ ଜଣାଇବା ପାଇଁ ଐକାନ୍ତିକ ଇଚ୍ଛା ହେଲା । କାରଣ ମୁଁ ମଧ୍ୟ ସେଇ ପରିବେଷ୍ଟନୀର ଜଣେ ବାସିନ୍ଦାଭାବରେ କାହିଁକି ଦିନେ ବି ତ ମୋ' ମନରେ ଅନ୍ତତଃ ଗୋଟିଏ ଶୁଗୁରା ମାଟି ପକାଇବାର ସାମାନ୍ୟ ଇଚ୍ଛା ବି ଜାଗରୁକ୍ ହୋଇ ନାହିଁ । ଗୋଟାଏ ଟ୍ରଲି ଚାଳକ ମାଣିଆକୁ ଏ ଚିନ୍ତା ଘାଏଲ କଲା କ'ଣ ପାଇଁ ? ଏବଂ ମାଟି

ପକାଇ ରାସ୍ତା ସମତୁଲ କରିବାରେ ସେ ଲାଗିଗଲା କ'ଣ ପାଇଁ ? ସୁଧୀଜନେ ଚିନ୍ତା କରିପାରନ୍ତି, ତା'ର ଟ୍ରଲି ଠିକ୍ ଭାବରେ ରାସ୍ତାରେ ଯିବାପାଇଁ ହୁଏତ ମାଣିଆ ରାସ୍ତାରେ ମୋରମ୍ ପକାଇଛି । ଯେଉଁ ରୋଗ କେବେ ଉପଚାର ଦ୍ୱାରା ଉପଶମ ହୋଇ ନପାରେ, ତାହାକୁ ସହି ନେବା ହିଁ ଅବଶ୍ୟମ୍ଭାବୀ । ମାଣିଆ ତା' ନିଜ ପାଇଁ ରାସ୍ତାରେ ମୋରମ ପକାଇଛି ବୋଲି ସଜ୍ଜନେ ଭାବି ନୀରବ ରହିଯାଆନ୍ତି ।

ଦିନେ ଉତ୍ସୁକତାବଶତଃ ମୋତେ ମାଣିଆ ପାଖକୁ ଯାଇ ତାର ସଂଭ୍ରମପୂର୍ଣ୍ଣ ଚାଲିଚଳନ, ତାର **'ବିଷାଦଂ ମାଂ ଆନନ୍ଦଂ ଗମୟ'** ମାର୍ଗର ପଥିକ ସାଜିବାର କାରଣ କ'ଣ ହୋଇପାରେ ଜିଜ୍ଞାସା କରିବାର ଇଚ୍ଛା ହୃଦୟରେ ଜାଗରୁକ ହୁଏ ।

ମାଣିଆ ଟ୍ରଲି ଟାଣି କେତେ ଯେ ପଇସା ରୋଜଗାର କରେ ସେ ବିଷୟରେ ମୋର ଜାଣିବାର ଇଚ୍ଛା ବି ହୁଏ । ସେ ଯେ ଛକରେ ସବୁ ସମୟରେ ପ୍ରାୟ ଉପସ୍ଥିତ ରହେ । ସେ ଯାଏ କେତେବେଳେ ? ରୋଜଗାର କରେ କେତେ ? ଚଳେ କିପରି ? ତା'ର ପରିବାର ଅଛି କି ନାହିଁ ? ପରିବାର ଥିଲେ ସେ ତା'ର ଭରଣପୋଷଣ କରେ କିପରି ? ଇତ୍ୟାଦି ନାନା ଅସମାହିତ ପ୍ରଶ୍ନ ଏ ଲେଖକର ମନରେ ଉଙ୍କିମାରେ ।

ମାଣିଆକୁ ଦେଖିବାରେ ସାଧାରଣ ସ୍ୱାସ୍ଥ୍ୟର ଜଣେ କର୍ମିଷ୍ଠ ଲୋକ ବୋଲି ମୋର ମନେହୁଏ । ସେ କ'ଣ ଗୋଟାଏ ଅବିବାହିତ ପୁରୁଷ ଯାହାର କୌଣସି ସାଂସାରିକ ଦାୟିତ୍ୱ ନାହିଁ ? ମାଣିଆକୁ ପାଖକୁ ଡାକି ଯାହା ଅବଗତ ହେଲି ସେଥିରୁ ମୋର ଅନ୍ତରତମ ପ୍ରଦେଶରୁ ମୁଁ ଅନୁଭବିତ ହେଲି ଯେ ସେ ଜଣେ ଉଚ୍ଚ ମାର୍ଜିତ ରୁଚି ସଂପନ୍ନ ମଣିଷ । ସେ ବି କିଛି ପାଠ ପଢ଼ିଛି । କୌଣସି ଦପ୍ତରରେ କିଛିଦିନ ପାଇଁ ମଧ୍ୟ ମୁକରିର ହୋଇଥିଲା । ଜଣେ ନିଷ୍ଠାବାନ ବ୍ୟକ୍ତିତ୍ୱ ଭାବରେ ଆଜିକାଲି ଅଫିସ୍ ପରିବେଷ୍ଟନୀ ମଧ୍ୟରେ ଜଣେ ଉଚ୍ଚାଦର୍ଶ ବ୍ୟକ୍ତିତ୍ୱର ବୋଧହୁଏ ବେଶୀଦିନ ରହିବା ପାଇଁ ଇଚ୍ଛା ହେଲା ନାହିଁ ଏବଂ ଚାକିରିରୁ ଅବ୍ୟାହତି ନେଇ ଆର୍ଥିକ ଦୂରାବସ୍ଥା ପାଇଁ ଏପରି ସ୍ୱାବଲମ୍ବୀ ବେଉସା ବାଛି ନେଇଛି । ମୁଁ ମନେ ମନେ ଭାବେ ଏପରି ଏକ ଉନ୍ନତ ରୁଚିସଂପନ୍ନ ମଣିଷ ମାଣିଆ 'ପିଏ' କାହିଁକି ? ସେ ଏ ସମାଜର ଜଣେ ଉତ୍ପୀଡ଼ିତ ବ୍ୟକ୍ତିତ୍ୱ, ଏବଂ ତା'ର ମନର କୌଣସି ମାନସିକ ବିଡ଼ମ୍ବନାର ପରିସମାପ୍ତି ପାଇଁ ବୋଧହୁଏ ମାଣିଆ ପିଏ ଏବଂ ପିଇ ପିଇ ଦିନ ପରେ ଦିନ ଗଡ଼ାଇଚାଲେ ଏବଂ ସମସ୍ତେ ଭାବନ୍ତି ତା'ର ଏ ନଶ୍ୱର ଦେହ ନିଃଶେଷ ହେବାଯାଏ ସେ ପିଇ ଚାଲିଥିବ ।

ଲେଖକର ଉଦ୍‌ବେଳିତ ମନ ମାଣିଆକୁ ପୁଣି ପଚାରି ବସିଲା ଯେ ତା'ର ପ୍ରାଣରେ ଯେଉଁ ମଧୁର ମୂର୍ଚ୍ଛନା ଅନୁରଣିତ ହୁଏ, ତା'ର ବ୍ୟାପ୍ତି ପାଇଁ କେଉଁ ଉପାଦାନ ଦାୟୀ ?

ମୋର ପ୍ରଶ୍ନରେ ମାଣିଆର ଆଖି ହଠାତ୍ ଲାଲ୍ ହୋଇ ଉଠିଲା ଏବଂ ଉଦ୍‌ଭ୍ରାନ୍ତ ଦିଶୁଥିବା ଖରାବେଳେ ହଠାତ୍ କଳାଘୁମର ମେଘ ଆସିବା ପରି ତା'ର ରୁକ୍ଷ ମୁଖମଣ୍ଡଳ ଉପରେ ଏକ କାଳିମାର ଛଟା ଯେପରି ଖେଳିଗଲା ଏବଂ ତାଙ୍କ ଚକ୍ଷୁରୁ ଅବାରିତ ବାରିଧାରାର ସ୍ଫୁରଣ ହେଲା । ସେ କହିଚାଲିଲା - ବାବୁ ! ଏ ମାଣିଆ ଆଗର ସେ ମାଣିଆ ନୁହେଁ । ଯିଏ ଦିନେ ଅନେକ ଶାନ୍ତ ସକାଳର ମୁଠା ମୁଠା ସ୍ୱପ୍ନ ବୁଣି ଚାଲିଥିଲା । ସେ କ'ଣ ଜାଣିଥିଲା ଯେ ଅଦିନିଆ ଝଡ଼ପରି ଗୋଟାଏ ପୈଶାଚିକ ଝଡ଼ ତାର ଜୀବନର ଗତିପଥ ଚିରଦିନ ପାଇଁ ବଦଳାଇ ଦେବ ? ତା'ର ବି ଗୋଟାଏ ସୁନାନାକୀ ସ୍ତ୍ରୀ ଏବଂ ଗୁଲୁଗୁଲିଆ ପୁଅ ଥିଲା, ଯେଉଁମାନେ କୌଣସି ଏକ ମୋଟର ଦୁର୍ଘଟଣାରେ ଆହତ ହୋଇଥିଲେ । ମାଣିଆ ଅନେକ ପରିଶ୍ରମ କରି ସେମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇ ପାରିଥିଲା ମାତ୍ର ଡାକ୍ତର କିମ୍ବା ଔଷଧ କେହି ସେମାନଙ୍କର ଜୀବନ ବଞ୍ଚାଇ ପାରିଲେ ନାହିଁ । ଦୁଇଟି ଶରୀରକୁ ମହୋଦଧିରେ ବିସର୍ଜନ କରି ମାଣିଆ ବଜ୍ର ଶପଥ ନେଇଥିଲା ଯେ ଆଜିଠାରୁ ତା'ର ଘର ବୋଲି କିଛି ନାହିଁ । ସାଧାରଣ ଫୁଟ୍‌ପାଥ୍ ଏବଂ ଗଛର ଛାଇ ହିଁ ତା'ର ଘର । ସୁବିସ୍ତୃତ ଅନନ୍ତ ଆକାଶ ହିଁ ତା'ର ଘରର ଛାତ । ସମସ୍ତ ବ୍ରଲିବାଲା ସାଙ୍ଗମାନେ ହିଁ ତା'ର ସଂସାରର ଗୋଟିଏ ଗୋଟିଏ ସଦସ୍ୟ । ଏ ସମସ୍ତ ପୃଥିବୀର ଜୀବଜନ୍ତୁ, ଗଛଲତାଙ୍କୁ ନେଇ ତା'ର ପରିବାର । ସେ ଏ ସମସ୍ତଙ୍କୁ ହୃଦୟ ଦେଇ ସ୍ନେହକରେ । ହୁଏତ ଅନ୍ୟ ଜନ୍ମର କୌଣସି ଦୁଷ୍କର୍ମ ପାଇଁ ସେ ଯେଉଁ ନିର୍ଯ୍ୟାତନା ପାଇଆସିଛି, ତାର ପରିସମାପ୍ତି ଅନ୍ତତଃ ଏଇ ଜନ୍ମରେ ଗୋଟାଏ ମଣିଷ ହୋଇ, ସମସ୍ତଙ୍କୁ ସ୍ନେହ ଦେଇ, ସମସ୍ତଙ୍କ ସହିତ ସୁଖଦୁଃଖ ବାଣ୍ଟିଦେଇ ସେ ନିଷ୍କୃତି ପାଇ ପାରିବ । ସେ ଯାହା ରୋଜଗାର କରେ, ସେଥିରୁ କିଛି ଦାନ, କିଛି ମଦ୍ୟ ପାନରେ ଅତୀତର ସ୍ମୃତିର ବିସ୍ମୃତି ପାଇଁ ଖର୍ଚ୍ଚକରି, କିଛି ଖାଦ୍ୟରେ ବିନିଯୋଗ କରି ଅନାଗତ ମୃତ୍ୟୁର ପ୍ରତୀକ୍ଷା କରି ବସିଛି ।

ଏକ ଅନାଗତ ଭବିଷ୍ୟତର ମର୍ମନ୍ତୁଦ ଆଶଙ୍କାରେ ମୋର ଆଖିପତା ଆର୍ଦ୍ର ହୋଇ ଆସିଲା ଏବଂ ମୁଁ ମୋର ମସ୍ତକ ନତ କରି ମାଣିଆକୁ ଧନ୍ୟବାଦ ଦେଲି ତା'ର ଅସମାହିତ ଜୀବନ ଏବଂ ସମାହିତ ଧୈର୍ଯ୍ୟର ପରିସମାପ୍ତି ପାଇଁ ଏବଂ ଭଗବାନଙ୍କୁ ମୁଁ ବିନମ୍ର ନିବେଦନ କଲି, ଏପରି ମଣିଷର ସୃଷ୍ଟି ପାଇଁ ଯିଏ ଏ ସମାଜରେ ଜଣେ ଜଣେ ଯୀଶୁ, ଦଧୀଚି ଏବଂ ଧର୍ମପଦ ।

